ଅନନ୍ତ ଅନ୍ତରୀକ୍ଷ ଭାଗ – ୧୩ ଗ୍ରହମାନଙ୍କର ଗତିଥ

*ମୂଳ ଲେଖା: ବିମାନ ବସୁ, ଓଡ଼ିଆ ଲେଖା: ସୃଜନିକା, ଭୁବନେଶ୍ୱର*

ଗତଥର ଆମେ ଶୁଣିଥିଲେ ଅନନ୍ତ ଅନ୍ତରୀକ୍ଷର ୧୨ତମ ଭାଗ । ମଣିଷ ଯାହା ଆଖିରେ ଦେଖିଛି ତାକୁ ହିଁ ସତ ବୋଲି ମାନି ନେଇଥିଲା । ସେଇ ଅନୁସାରେ ସେ ଭାବୁଥିଲା ଯେ ପୃଥିବୀ ହିଁ ବିଶ୍ୱର କେନ୍ଦ୍ରରେ ରହିଛି । କାରଣ ସେତେବେଳେ ବିଶ୍ୱ କହିଲେ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, କିଛି ଗ୍ରହ ଆଉ ତାରା । ତାରାମାନେ ତ ମୁଣ୍ଡ ଉପରେ ରହିଛନ୍ତି । ସେମାନଙ୍କ ଭିତର ଦେଇ ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହମାନେ ଗତି କରୁଛନ୍ତି । ତେଣୁ ପୃଥିବୀ ହିଁ ବିଶ୍ୱର କେନ୍ଦ୍ରରେ ରହିଛି । କିନ୍ତୁ କିଛି ମଣିଷଙ୍କୁ ଏକଥା ଠିକ୍ ଲାଗିଲା ନାହିଁ । ସେମାନେ ପ୍ରଚଳିତ ଧାରାରୁ ବାହାରି ଯାଇ ଅଲଗା ଭାବରେ ଚିନ୍ତା କରିବାକୁ ଲାଗିଲେ ଆଉ ତା'ର ଫଳସ୍ୱରୂପ ଆଜି ଆମେ ଜାଣିଛେ ଯେ ସୂର୍ଯ୍ୟ ମଝିରେ ରହିଛି । ପୃଥିବୀ ନୁହେଁ । ପୁଣି ଏତିକିକୁ ନେଇ ବିଶ୍ୱ ନୁହେଁ । ଏତକ କେବଳ ଆମର ସୌରଜଗତ । ବିଶ୍ୱ ତା' ଠାରୁ ଅନେକ ଅନେକ ବଡ଼ । ତେବେ ଏହି ମତବାଦ କ'ଣ ଏତେ ସହଜରେ ଚାଲି ଆସିଥିଲା ? କିଏ ସେହି ବିଜ୍ଞାନୀ ଯିଏ ପ୍ରଥମେ ଏହାକୁ କହିଥିଲେ ଆଉ ସେ ଏକଥା କେମିତି ଜାଣିପାରିଥିଲେ ? ଏମିତି ଅନେକ ପ୍ରଶ୍ନ ମନରେ ଉଠୁଥିବ । ସେ ସବୁର କିଛି ଉତ୍ତର ଆଜି ଆମେ ଶୁଣିବା ଆସନ୍ତୁ ଆମର ଏଇ ଅନନ୍ତ ଅନ୍ତରୀକ୍ଷର ତେରତମ ଭାଗରେ । ଆସନ୍ତୁ ଏବେ ଶୁଣିବା ଆମର କାର୍ଯ୍ୟକ୍ରମ ।

(ସ୍କୁଲ ଛୁଟି ହେବାର ଘଣ୍ଟି ବାଜୁଛି, ଧ୍ରୁବ ଓ ତା ସାଙ୍ଗ ବିଜୟ କଥା ହେଉଛନ୍ତି, ଦୂରରେ ଅନ୍ୟ ପିଲାମାନେ କଥା ହେଉଛନ୍ତି)

ଧ୍ରୁବ: କ୍ଲାସ୍‌ରେ ସାର୍ ଯାହା କହିଲେ ବୁଝିପାରିଲି ନାହିଁ । ସେ ଯାହା କହିଲେ କ'ଣ ସତ ?

ବିଜୟ: ଧ୍ରୁବ, ମତେ ତ ସାର୍‌ଙ୍କ କଥା ସତ ଲାଗୁଥିଲା । କିନ୍ତୁ ତୁ ସାର୍‌ଙ୍କ କୋଉ କଥାଟା ବୁଝି ପାରିଲୁନି ।

ଧ୍ରୁବ: ସେ କହୁଥିଲେ ଯେ ଆମ ସୌରଜଗତରେ ସବୁ ଗ୍ରହ ଅଣ୍ଡାକାର ମାନେ ଏଲିପ୍‌ଟିକାଲ୍ କକ୍ଷପଥରେ ଘୂରୁଛନ୍ତି । ଏକଥା ମତେ ଠିକ୍ ଲାଗୁନାହିଁ ।

ବିଜୟ: ଆରେ ଏଥିରେ ବୁଝିବାର କ'ଣ ଅଛି । ସାର୍ କ'ଣ ଭୁଲ କହୁଥିବେ !

ଧ୍ରୁବ: କିନ୍ତୁ ଗାଁରେ ଉମେଶ ଦାଦା ତ କହୁଥିଲେ ଯେ ସବୁ ଗ୍ରହ ବୃତ୍ତାକାର ମାନେ ସର୍‌କୁଲାର୍ କକ୍ଷପଥରେ ଘୂରୁଛନ୍ତି ।

ବିଜୟ: ତୋ ଉମେଶ ଦାଦା ! ତୁ ତ କହୁଥିଲୁ ଯେ ସେ ଗାଁରେ ରହନ୍ତି ବୋଲି ।

ଧ୍ରୁବ: ହଁ ଗାଁରେ ରହନ୍ତି । କିନ୍ତୁ ଖରାଛୁଟିରେ ଆମେ ଗାଁକୁ ଗଲାବେଳେ ସେ ଆମକୁ ଗ୍ରହମାନଙ୍କର କକ୍ଷପଥ ଆଉ ପରିକ୍ରମା ବିଷୟରେ ବହୁତ କଥା ବୁଝେଇଥିଲେ ।

ବିଜୟ: ଆଚ୍ଛା, ସେ ତତେ ଆଉ କ'ଣ ସବୁ କହିଥିଲେ ?

ଧ୍ରୁବ: ସେ କହିଥିଲେ ଯେ ଆଗକାଳରେ ଲୋକମାନେ ବିଶ୍ୱାସ କରୁଥିଲେ ଯେ ସୂର୍ଯ୍ୟ, ଚନ୍ଦ୍ର ଆଉ ଗ୍ରହମାନେ ପୃଥିବୀ ଚାରିପଟେ ଘୂରୁଛନ୍ତି, ଆଉ ପୃଥିବୀ ନିଜ ଜାଗାରେ ସ୍ଥିର ରହିଛି ବୋଲି । କିନ୍ତୁ ପୋଲାଣ୍ଡର ଆକାଶବିଜ୍ଞାନୀ ନିକୋଲାସ କୋପରନିକସ କହିଲେ ଯେ ପୃଥିବୀ ସ୍ଥିର ନୁହେଁ, ଆଉ ସବୁ ଗ୍ରହ ସୂର୍ଯ୍ୟ ଚାରିପଟେ ଘୂରୁଛନ୍ତି ।

ବିଜୟ: ହୁଁ... କ'ଣ ସେ ଯାହା କହିଥିଲେ ଠିକ୍ କଥା । କୋପରନିକସ କହିଲେ ଯେ ଗ୍ରହ ସୂର୍ଯ୍ୟ ଚାରିପଟେ ବୃତ୍ତାକାର ପଥରେ ଗୁରୁଛନ୍ତି । ସେ ପୁଣି କହିଥିଲେ ଯେ ସବୁ ଗ୍ରହ ନିଜ କକ୍ଷରେ ସମାନ ବେଗରେ ଘୂରୁନାହାନ୍ତି ।

ଧ୍ରୁବ: ହଁ ଉମେଶ ଦାଦା ତ ମତେ ଏମିତି ହିଁ କହିଥିଲେ । କିନ୍ତୁ ତୋ କଥା ଅନୁସାରେ ତ ଦାଦା ଯାହା କହିଥିଲେ ସେସବୁ ଭୁଲ ।

ବିଜୟ: ନାଇ ନାଇ । ସେ ତତେ କିଛି ବି ଭୁଲ କହିନଥିଲେ । କାରଣ କୋପରନିକସଙ୍କ ଧାରଣା କିଛି ଭୁଲ ଥିଲା । ଆଉ ଜଣେ ବିଜ୍ଞାନୀ ଥିଲେ ୟୋହାନ୍‌ସ୍ କେପ୍‌ଲର୍ । ସେ ଜର୍ମାନର ଥିଲେ । ଅନେକ ଦିନ ଲକ୍ଷ୍ୟ କରି ସେ କହିଲେ ଯେ ଗ୍ରହମାନଙ୍କର କକ୍ଷପଥ ବୃତ୍ତାକାର ନହୋଇ ଅଣ୍ଡାକାର ହୋଇଥାଏ । ସେ ଆହୁରି ବି କହିଥିଲେ ଯେ ଗ୍ରହମାନେ ସମାନ ବେଗରେ ଗତି କରନ୍ତି ନାହିଁ । ବରଂ ସୂର୍ଯ୍ୟଠାରୁ ଦୂରତା ଅନୁସାରେ ଏଇ ଗତି ବଢ଼େ ବା କମେ ।

ଧ୍ରୁବ: କିନ୍ତୁ କେପ୍‌ଲର୍ ଏକଥା କେମିତି ଜାଣିଲେ ?

ବିଜୟ: ଏକଥା ତ ମୁଁ ଜାଣିନି । ଚାଲୁନୁ, ସ୍କୁଲ ପରେ ଆମେ ପ୍ରଭାଅପାଙ୍କ ପାଖକୁ ଯିବା । ସେ ଆକାଶବିଜ୍ଞାନ ବିଷୟରେ ବହୁତ କିଛି ଜାଣିଛନ୍ତି । ସେ ନିଶ୍ଚୟ ଆମକୁ ଏ ବିଷୟରେ ବୁଝେଇଦେବେ । (ଚାଲିବାର ଶବ୍ଦ ଦୁଆର ଘଣ୍ଟି ବାଜିବାର ଓ ଦୁଆର ଖୋଲିବାର ଶବ୍ଦ)

ପ୍ରଭା: ଆରେ ଧ୍ରୁବ, ବିଜୟ । ତମେମାନେ ଏଠିକି କୁଆଡ଼େ ।

ଧ୍ରୁବ: ଅପା, ଆଜି ଆମ ସ୍କୁଲରେ ବିଜ୍ଞାନ କ୍ଲାସ୍‌ରେ ସାର୍ କହିଲେ ଯେ ସୂର୍ଯ୍ୟ ଚାରିପଟେ ସବୁ ଗ୍ରହ ଅଣ୍ଡାକାର କକ୍ଷପଥରେ ଘୂରୁଛନ୍ତି । କିନ୍ତୁ ମୋ ଦାଦା କହିଥିଲେ ଯେ କୋପରନିକସ ବୋଲି ଜଣେ ବିଜ୍ଞାନୀ କହିଥିଲେ ଯେ ଗ୍ରହ ସବୁ ସୂର୍ଯ୍ୟ ଚାରିପଟେ ବୃତ୍ତାକାର କକ୍ଷପଥରେ ଘୂରୁଛନ୍ତି ।

ବିଜୟ: କିନ୍ତୁ ସାର୍ କହୁଥିଲେ ଯେ କେପ୍‌ଲର୍ ଗ୍ରହମାନଙ୍କର କକ୍ଷପଥକୁ ବୃତ୍ତାକାର ନକହି ଅଣ୍ଡାକାର କହିଥିଲେ । କିନ୍ତୁ କେପ୍‌ଲର୍ ଏବିଷୟରେ କେମିତି ଜାଣିଲେ ସେ ବିଷୟରେ ସାର୍ କିଛି କହିଲେନାହିଁ ।

ଧ୍ରୁବ: ଅପା, ତମେ ଆମକୁ କୁହ କେପ୍‌ଲର୍ କେମିତି ଏବିଷୟରେ ଜାଣି ପାରିଥିଲେ ।

ପ୍ରଭା: ନିଶ୍ଚୟ କହିବି । କିନ୍ତୁ ମୁଁ ଏବେ ଟିକେ ଜରୁରୀ କାମରେ ବାହାରକୁ ଯାଉଛି । କାଲି ତ ରବିବାର । ତମେମାନେ ମୋ ଘରକୁ ଆସ । ଆମେ ସେଠି କଥା ହେବା । (ଦୃଶ୍ୟ ପରିବର୍ତ୍ତନ)

ଅରୁନ୍ଧତୀ: ଆରେ ଧ୍ରୁବ, ଆଜି ତ ରବିବାର । ତୁ କ'ଣ ଏତେ ଜଲ୍‌ଦି ଉଠି ଗଲୁଣି ।

ଧ୍ରୁବ: ହଁ ମୁଁ ଜାଣିଛି ।

ଅରୁନ୍ଧତୀ: ତୁ କ'ଣ କୁଆଡ଼େ ଯିବୁ କି ?

ଧ୍ରୁବ: ହଁ ମା ।

ଅରୁନ୍ଧତୀ: କ'ଣ ସାଙ୍ଗମାନଙ୍କ ସାଙ୍ଗରେ କୁଆଡ଼େ ବୁଲିବାକୁ ଯିବୁ ।

ଧ୍ରୁବ: ନାଇ ମା । ମୁଁ ମୋ ସାଙ୍ଗ ସାଙ୍ଗରେ ପ୍ରଭା ଅପାଙ୍କ ଘରକୁ ଯିବି । ସେ ଆମକୁ ଆଜି ଆକାଶବିଜ୍ଞାନ ବିଷୟରେ ବୁଝେଇବେ ।

ଅରୁନ୍ଧତୀ: କୋଉ ବିଷୟରେ କହିବେ ?

ଧ୍ରୁବ: ମା ସେ ଆମକୁ ସୂର୍ଯ୍ୟ, ଚନ୍ଦ୍ର ଆଉ ଗ୍ରହମାନଙ୍କ ବିଷୟରେ କହିବେ । ଏମାନଙ୍କର ଗତି ଆଦି ବିଷୟରେ ବୁଝେଇବେ ।

ଅରୁନ୍ଧତୀ: ତୁ କ'ଣ କହୁଛୁ ମୋ ମୁଣ୍ଡରେ ପଶୁନି । ମୁଁ ମୋର ଯାଏ । କାମ ସାରେ ।

ଧ୍ରୁବ: ନାଇ ମା ଏ ବିଷୟ ବହୁତ ମଜାଦାର । ତମେ ବି ସହଜରେ ବୁଝିପାରିବ । ପ୍ରଭା ଅପାଙ୍କଠାରୁ ବୁଝିକି ଆସିବା ପରେ ମୁଁ ତମକୁ ଏ ବିଷୟରେ ବୁଝେଇ ଦେବି ।

ଅରୁନ୍ଧତୀ: ହଉ, ଏବେ ବକର ବକର ହଅନା । ଯା, ଗାଧୋଇପଡ଼ି ରେଡ଼ି ହୋଇଯା । ତୋ ସାଙ୍ଗ ଆସିଲେ ଯିବୁ ପରା ।

ଧ୍ରୁବ: ମା, ବିଜୟ ଆସିଲାଣି । ମୁଁ ଯାଉଛି । ଦଶଟା ସୁଦ୍ଧା ଆମକୁ ଅପାଙ୍କ ଘରେ ପହଞ୍ଚିବାକୁ ହେବ ।

ଅରୁନ୍ଧତୀ: ଜଲ୍‌ଦି ଚାଲିଆସିବୁ । ଦିପହରେ ଖାଇବା ପାଇଁ ମୁଁ ତତେ ଅପେକ୍ଷା କରିଥିବି ।

ଧ୍ରୁବ: ହଉ ମା । (ଦୃଶ୍ୟ ପରିବର୍ତ୍ତନ)

ବିଜୟ: ତୁ ପ୍ରଭାଅପାଙ୍କ ଘର ଦେଖିଛୁ ତ ?

ଧ୍ରୁବ: ହଁ ମୁଁ ଆଗରୁ ବି ଆସିଛି । ଏଇ ତ ସେଇ ଯୋଉ ବଗିଚାଟା ଦେଖାଯାଉଛି ସେଇଟା ତାଙ୍କ ଘର । (ଘଣ୍ଟି ବାଜିବାର ଶବ୍ଦ)

ପ୍ରଭା: ଆରେ ତମେମାନେ ଆସିଗଲ କି । ମୁଁ ତ ତମକୁ ଅପେକ୍ଷା କରିଥିଲି ।

ଧ୍ରୁବ ଓ ବିଜୟ: ସରି ଅପା । ଆମର ଟିକିଏ ଡେରି ହୋଇଗଲା ।

ପ୍ରଭା: ନା ନା ଠିକ୍ ଅଛି । ଆସ, ଭିତରକୁ ଆସ । ଆଚ୍ଛା ଏବେ କୁହ ତ ତମେମାନେ କ'ଣ ଜାଣିବାକୁ ଚାହୁଁଥିଲ ।

ଧ୍ରୁବ: ଅପା, ଆମେ ଜାଣିବାକୁ ଚାହୁଁଛି ଯେ ଗ୍ରହମାନେ ଅଣ୍ଡାଳିଆ କକ୍ଷପଥରେ ବୁଲୁଛନ୍ତି ବୋଲି କେପ୍‌ଲର୍ କେମିତି ଜାଣିଲେ ।

ପ୍ରଭା: ଆଗ ତମେ କୋପରନିସ୍‌ଙ୍କ ବିଷୟରେ ଜାଣ । ସେ ହିଁ ପ୍ରଥମେ କହିଥିଲେ ଯେ ସୌରଜଗତର କେନ୍ଦ୍ରରେ ସୂର୍ଯ୍ୟ ରହିଛି ।

ଧ୍ରୁବ: ଅପା ଆମେ ଏକଥା ଜାଣିଛୁ । ସେ ଏକଥା କେମିତି ଜାଣିଥିଲେ ସେ ବିଷୟରେ ବି ଆମେ ଜାଣିଛୁ ।

ବିଜୟ: କାରଣ ଟଲେମୀ ଯେଉଁ ଅଧିବୃତ୍ତର ମଡେଲ ତିଆରି କରିଥିଲେ ସେ ଆକାଶରେ ଗ୍ରହମାନଙ୍କର ଗତିକୁ ଅତି ଜଟିଳ ଭାବରେ ବ୍ୟାଖ୍ୟା କରୁଥିଲା । ଆଉରି ପୁଣି ଏହି ମଡେଲରେ ଗ୍ରହମାନଙ୍କର ସବୁ କଥାକୁ ବ୍ୟାଖ୍ୟା କରିହେଉ ନଥିଲା । ଗ୍ରହମାନଙ୍କର ବାସ୍ତବ ଅବସ୍ଥିତି ବିଷୟରେ ବି ଜାଣିହେଉ ନଥିଲା ।

ପ୍ରଭା: ଠିକ୍ । ସୂର୍ଯ୍ୟକୁ ମଝିରେ ରଖିଦେଲେ ଗ୍ରହମାନଙ୍କର ଗତିର ବ୍ୟାଖ୍ୟା ବେଶ୍ ସହଜ ହେଇଗଲା । ଆକାଶବିଜ୍ଞାନ କ୍ଷେତ୍ରରେ ଏ ପଦକ୍ଷେପ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଧ୍ରୁବ: କିନ୍ତୁ ଅପା, ଗ୍ରହମାନଙ୍କର ଆକାର ଆଉ ସେମାନଙ୍କର କକ୍ଷପଥରେ ଗତି କରିବା ବିଷୟରେ କୋପରନିକସଙ୍କ ଚିନ୍ତା ଭୁଲ ଥିଲା ।

ପ୍ରଭା: ହଁ ଧ୍ରୁବ, ତୁ ଯାହା କହିଛୁ ଠିକ୍ । କୋପରନିକସ କହିଥିଲେ ଯେ ଗ୍ରହମାନଙ୍କର କକ୍ଷପଥ ବୃତ୍ତାକାର ଆଉ ଏଥିରେ ଗ୍ରହମାନେ ସମାନ ଗତିରେ ବୁଲୁଛନ୍ତି । କିନ୍ତୁ ଆମେ ଏବେ ଜାଣିଛେ ଯେ ତାଙ୍କର ଏହି କଥା ଠିକ୍ ନୁହେଁ ।

ବିଜୟ: ହଁ ଏଇ ବିଷୟରେ ସ୍କୁଲରେ ଆମକୁ ସାର୍ କହିଛନ୍ତି । କିନ୍ତୁ ଆମେ ଜାଣିବାକୁ ଚାହୁଁଛୁ ଯେ ଗ୍ରହମାନଙ୍କର କକ୍ଷପଥର ଠିକ୍ ଆକାର କେପ୍‌ଲର୍ କେମିତି ଜାଣିଲେ ।

ପ୍ରଭା: ଏତ ଗୋଟିଏ ଲମ୍ବା କାହାଣୀ । ଆଚ୍ଛା ଏ ବିଷୟରେ କହିବା ଆଗରୁ ତମେ କୋପରନିକସ୍‌ଙ୍କ ବିଷୟରେ କିଛି ଶୁଣ । ତାହେଲେ ତମେ ଧାରଣା କରିପାରିବ ଯେ କେପ୍‌ଲର୍ କେମିତି ଏ ବିଷୟରେ ଜାଣିଲେ ।

ଧ୍ରୁବ ଓ ବିଜୟ: ହଁ ଏତ ବଢ଼ିଆ ହେବ ।

ପ୍ରଭା: ହଉ, ତା ଆଗରୁ ତମେମାନେ କିଛି ଖାଇନିଅ । (ସରବତ ତିଆରି କରିବାର ଶବ୍ଦ)

ଧ୍ରୁବ: ଅପା, ତମେ ଆକାଶବିଜ୍ଞାନ ବିଷୟରେ ବହୁତ କିଛି ଜାଣିଛ । ମୁଁ ତମକୁ କିଛି ପ୍ରଶ୍ନ ପଚାରିବି ।

ପ୍ରଭା: ହଉ ପଚାରିବୁ । ଆଗ ଆମେ ଏ ବିଷୟରେ କଥା ହେବା । କୋପରନିକସ କିଏ ତମେମାନେ ଜାଣିଛ ?

ବିଜୟ: ହଁ ଅପା, ସେ ପୋଲାଣ୍ଡର ଜଣେ ବିଜ୍ଞାନୀ ଥିଲେ ।

ପ୍ରଭା: ଆଚ୍ଛା ଧ୍ରୁବ କହିଲୁ ସେ କେବେ ଜନ୍ମ ହୋଇଥିଲେ ।

ଧ୍ରୁବ: ମୁଁ ତ ଜାଣିନି । ବିଜୟ ତୁ ଜାଣିଛୁ କି ।

ବିଜୟ: ନା, ମୁଁ ବି ଜାଣିନି ।

ପ୍ରଭା: ହଉ ମୁଁ କହୁଛି । କୋପରନିକସଙ୍କ ଜନ୍ମ ୧୪୭୩ ମସିହାରେ ପୋଲାଣ୍ଡର ଟୋରୁନ ନାମକ ସହରରେ ହୋଇଥିଲା ।

ଧ୍ରୁବ: ଅପା, ତାଙ୍କ ସ୍କୁଲର ନାଁ କ'ଣ ଥିଲା ।

ପ୍ରଭା: ମୁଁ ଯେତେଦୂର ଜାଣିଛି ସେ କେବେ ବି ସ୍କୁଲ ଯାଇ ନଥିଲେ । କିନ୍ତୁ ୧୪୯୧ରୁ ୧୪୯୪ ଭିତରେ ସେ କ୍ରକୌ ବିଶ୍ୱବିଦ୍ୟାଳୟରେ ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତିଷଶାସ୍ତ୍ର ପଢିଥିଲେ । କ୍ରକୌ ବିଶ୍ୱବିଦ୍ୟାଳୟରେ ପଢ଼ିବା ପରଠାରୁ ତାଙ୍କର ଆକାଶବିଜ୍ଞାନ ପ୍ରତି ଆଗ୍ରହ ବଢ଼ିଥିଲା ।

ଧ୍ରୁବ: ଅପା, ସେ ନିଶ୍ଚୟ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରୁଥିବେ ।

ପ୍ରଭା: ଆରେ ଧ୍ରୁବ, ସେତେବେଳଯାଏଁ ତ ଦୂରବୀକ୍ଷଣ ଯନ୍ତ୍ର ଆବିଷ୍କାର ବି ହୋଇନଥିଲା । ସେ ଖାଲି ଆଖିରେ ନିରୀକ୍ଷଣ କରୁଥିଲେ । ୧୪୯୭ ମସିହାରେ କୋପରନିକସ ଇଟାଲୀର ବୋଲଗ୍ନା ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ଗଲେ । ବୋଲଗ୍ନା ବିଶ୍ୱବିଦ୍ୟାଳୟରେ ହିଁ ସେ ଆକାଶବିଜ୍ଞାନ ବିଷୟରେ ଭଲକରି ଜାଣିଲେ ଆଉ ପ୍ରଥମ କରି ଆକାଶକୁ ନିରୀକ୍ଷଣ କଲେ ।

ବିଜୟ: ସେ କ'ଣ ତାଙ୍କର ସବୁ ନିରୀକ୍ଷଣ ବୋଲଗ୍ନାରେ ହିଁ କରିଥିଲେ ।

ପ୍ରଭା: ନା ନା, ପରେ ସେ ଆଇନ ଓ ଡାକ୍ତରୀ ପଢ଼ିବା ପାଇଁ ଇଟାଲୀର ପାଉଡା ବିଶ୍ୱବିଦ୍ୟାଳୟକୁ ଯାଇଥିଲେ ।

ଧ୍ରୁବ: କିନ୍ତୁ ସେ ଆଇନ ଓ ଡାକ୍ତରୀ କାହିଁକି ପଢ଼ିଥିଲେ ?

ପ୍ରଭା: ଏକଥା ତ ମୁଁ ଜାଣିନି । କିନ୍ତୁ ବୋଲଗ୍ନା ଆଉ ପାଉଡାରେ ପଢ଼ିବା ପରେ କୋପରନିକସ ବ୍ୟବସ୍ଥିତ ଢଙ୍ଗରେ ଆକାଶବିଜ୍ଞାନ ଅଧ୍ୟୟନ କରିବା ପାଇଁ ଯୋଜନା କରିଥିଲେ ।

ବିଜୟ: ଅପା, ସେ କ'ଣ କିଛି ନୂଆ କଥା ବାହାର କରିଥିଲେ ?

ପ୍ରଭା: ସେ ତାଙ୍କ ନିରୀକ୍ଷଣକୁ ଆଧାର କରି ପୃଥିବୀ ଚାରିପଟେ ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ଗ୍ରହମାନଙ୍କର ପରିକ୍ରମଣ ପଥକୁ ଗଣନା କରିବା ପାଇଁ ଚେଷ୍ଟା କରିଥିଲେ । ୧୪୯୭ରୁ ୧୫୨୯ ମସିହା ଭିତରେ ସେ ୨୭ଟି ନିରୀକ୍ଷଣର ଫଳକୁ ପ୍ରକାଶ କରିଥିଲେ ।

ଧ୍ରୁବ: କିନ୍ତୁ ସୂର୍ଯ୍ୟ ମଝିରେ ଅଛି ବୋଲି କେବେ ଜାଣିଲେ ।

ପ୍ରଭା: ଏ ତ ବଡ଼ ମଜାଦାର କାହାଣି । ୧୫୦୦ ମସିହାରେ କୋପରନିକସ୍ ରୋମ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିଲେ । ସେଠି ସେ ପୋଲାଣ୍ଡର ପାରମ୍ପରିକ ଆକାଶବିଜ୍ଞାନ ପଢ଼ଉଥିଲେ । ସେଥିରେ ପୃଥିବୀକୁ ହିଁ ବିଶ୍ୱର କେନ୍ଦ୍ର ଭାବରେ ଧରାଯାଉଥିଲା । କିନ୍ତୁ ସେ ଏଇ ପୃଥିବୀକେନ୍ଦ୍ରିକ ମତବାଦକୁ ପୂରା ଗ୍ରହଣ କରୁନଥିଲେ । ୧୫୦୨ ମସିହାରେ ଥରେ ସେ କ୍ଲାସ୍‌ରେ ବିଶ୍ୱର ଗଠନ ବିଷୟରେ ପଢ଼ଉଥିଲେ । ସେତେବେଳେ ଗୋଟିଏ ଘଟଣା ତାଙ୍କୁ ବହୁତ ପ୍ରଭାବିତ କରିଥିଲା ।

ବିଜୟ: ସେ ଘଟଣାଟି କ'ଣ ?

ପ୍ରଭା: ସେଦିନ ସେ ବିଶ୍ୱ ବିଷୟରେ କଥା ହେଉଥିଲେ । ସେ କହିଲେ ଯେ ଆମେ ଜାଣିଛେ ଯେ ପୃଥିବୀ ବିଶ୍ୱର କେନ୍ଦ୍ରରେ ରହିଛି ଆଉ ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ଗ୍ରହମାନେ ବୃତ୍ତାକାର କକ୍ଷରେ ପୃଥବୀ ଚାରିପଟେ ଘୂରୁଛନ୍ତି । ଏମାନଙ୍କ ଛଡ଼ା ଅନ୍ୟ ସବୁ ତାରା ସ୍ଥିର ଅଛନ୍ତି । ୧୫୦୦ ବର୍ଷ ପୂର୍ବେ ଟଲେମୀ ଏଇ ମତ ଦେଇଥିଲେ । ଆମକୁ ବି ଏମିତି ଦେଖାଯାଏ । ଏତିକିବେଳେ ଜଣେ ଛାତ୍ର ଉଠି ଧୀରେ କରି ପଚାରିଲା ।

ଧ୍ରୁବ: କ'ଣ ପଚାରିଲା ?

ପଭା: ସେ କହିଲା ଯେ ଗ୍ରୀକ ଗାଣିତିକ ପିଥାଗୋରାସ୍‌ଙ୍କର କିନ୍ତୁ ଅଲଗା ମତ ଥିଲା । ତାଙ୍କ ମତରେ ସୌରଜଗତର କେନ୍ଦ୍ରରେ ଆମ ପୃଥିବୀ ନୁହେଁ, ବରଂ ସୂର୍ଯ୍ୟ ରହିଛି ।

ବିଜୟ: ଏକଥା ଶୁଣି କୋପରନିକସ କ'ଣ କହିଲେ ?

ପ୍ରଭା: ସେ ଆଶ୍ଚର୍ଯ୍ୟ ହୋଇଗଲେ ଆଉ କହିଲେ ଆରେ ମୁଁ ତ ଏକଥା ଜାଣି ନଥିଲି । ଟିକିଏ ସମୟ ଚୁପ ରହି ସେ କହିଲେ ଆଜି ପାଇଁ ଏତିକି । ପୁଣି କାଲି ପଢ଼ିବା ।

ଧ୍ରୁବ: ଏତ ବଡ଼ ଆଶ୍ଚର୍ଯ୍ୟ କଥା । କୋପରନିକସ ସେଇ ବିଷୟକୁ ଅନେକ ଦିନ ଧରି ପଢ଼ଉଥିଲେ । ତାହେଲେ ସେ ସେଇ ପିଲାର ପ୍ରଶ୍ନର ଉତ୍ତର କାହିଁକି ଦେଇପାରିଲେ ନାହିଁ ।

ପ୍ରଭା: ଏକଥା ଠିକ୍ ଯେ ସେ ସେଇ ବିଷୟ ପଢ଼ଉଥିଲେ । କିନ୍ତୁ ସେ ପିଲାର ପ୍ରଶ୍ନ ଶୁଣି ହଠାତ ରହିଗଲେ । ତାଙ୍କର ବିଶ୍ୱାସ ହେଲାନାହିଁ । ସେ ସେଠୁ ତ୍ୟାଗପତ୍ର ଦେଇ ପୋଲାଣ୍ଡ ଚାଲିଯିବା ପାଇଁ ସ୍ଥିର କଲେ । ସେ ମନେ ମନେ ସ୍ଥିର କଲେ ଯେ ଏଇ ବିଷୟରେ ଟଲେମୀ ଓ ନିଜ ସମୟର ଅନ୍ୟ ପଣ୍ଡିତମାନଙ୍କର ମତବାଦକୁ ପରଖିବେ ଆଉ ଠିକ୍ ଭୁଲ ଜାଣିବେ ।

ବିଜୟ: ସେ ଏକଥା କେମିତି କରିଥିଲେ ?

ପ୍ରଭା: ଏ ତ ଆହୁରି ମଜା କଥା । ଗାଁକୁ ଫେରିଯିବା ପରେ ୧୫୦୬ ମସିହାରେ କୋପରନିକସ ଡାକ୍ତରୀ କରୁଥିଲେ । ତା ସହିତ ଚର୍ଚ୍ଚରେ ବି ସେବା କରୁଥିଲେ ।

ଧ୍ରୁବ: କିନ୍ତୁ ସେ ଆକାଶବିଜ୍ଞାନରେ କ'ଣ କଲେ ?

ପ୍ରଭା: ରାତିରେ ସେ ପାହାଡ଼ ଉପରେ ତିଆରି ହୋଇଥିବା ଘରୁ ତାରା ଆଉ ଗ୍ରହମାନଙ୍କୁ ଲକ୍ଷ୍ୟ କଲେ ଆଉ ସେମାନଙ୍କର ସ୍ଥିତିକୁ ନିରୀକ୍ଷଣ କଲେ । ତାଙ୍କ ଆଗର ଆକାଶବିଜ୍ଞାନୀମାନେ ଲେଖିଯାଇଥିବା ଗ୍ରନ୍ଥ ସବୁ ଅଧ୍ୟୟନ କଲେ । ଅନେକ ରାତି ଧରି ତାରାଙ୍କ ତୁଳନାରେ ଗ୍ରହମାନଙ୍କର ଗତିକୁ ଅଧ୍ୟୟନ କଲେ । ସେ ଲକ୍ଷ୍ୟ କଲେ ଯେ ଗ୍ରହମାନଙ୍କର ପ୍ରକୃତ ସ୍ଥିତି ଟଲୋମୀଙ୍କ ଦ୍ୱାରା ପ୍ରସ୍ତାବିତ ଭୂକେନ୍ଦ୍ରିକ ମତ ଅନୁସାରେ କରାଯାଇଥିବା ଅନୁମାନ ଠାରୁ ବହୁତ ଅଲଗା ହେଉଛି ।

ବିଜୟ: ପୃଥିବୀ ଓ ଗ୍ରହମାନଙ୍କର ଗତି ବିଷୟରେ କ'ଣ ସେ ଜାଣିପାରିଲେ ?

ପ୍ରଭା: ନାଇ ନାଇ ସେ ବିଷୟରେ ସେ ପରେ ଜାଣିଲେ । କିନ୍ତୁ ଟଲେମୀଙ୍କ ମଡେଲକୁ ଗ୍ରହଣ ନକରିବା ପାଇଁ କୋପରନିକସ୍‌ଙ୍କ ପାଖରେ ଆହୁରି ବି କାରଣ ମାନ ଥିଲା । ପ୍ରଥମରେ ଗ୍ରହମାନଙ୍କର ଗତିକୁ ବୁଝେଇବା ପାଇଁ ମଡେଲଟି ବହୁତ ଜଟିଳ ଥିଲା, ଆହୁରି ପୁଣି ଏହି ମଡେଲରେ ପୃଥିବୀରେ ଋତୁ ବଦଳିବା କଥାକୁ ବୁଝେଇ ହେଉନଥିଲା ।

ଧ୍ରୁବ: ସେଇଠୁ ସେ କ'ଣ କଲେ ?

ପ୍ରଭା: ସେ ଗାଣିତିକ ସୂତ୍ର ବ୍ୟବହାର କରି ଶୁକ୍ର, ମଙ୍ଗଳ, ବୃହସ୍ପତି ଏବଂ ଶନିର ଅବସ୍ଥିତି ବିଷୟରେ ଆଉ ସୂର୍ଯ୍ୟ କେନ୍ଦ୍ରରେ ରହିଥିବା କଥା କହିଲେ । ତା'ପରେ ସେ ନିଜେ କରିଥିବା ତଥ୍ୟ ଠିକ୍ କି ଭୁଲ ଜାଣିବା ପାଇଁ ଅନେକ ଦିନ ଧରି ଆକାଶରେ ଗ୍ରହମାନଙ୍କର ଅବସ୍ଥିତି ବିଷୟରେ ଅଧ୍ୟୟନ କଲେ ।

ଧ୍ରୁବ: ଏମିତି କରିବା ପାଇଁ ତ କୋପରନିକସ୍‌ଙ୍କୁ ବହୁତ ମଜା ଲାଗୁଥିବ ।

ପ୍ରଭା: ହଁ, ଚନ୍ଦ୍ର ତାରା ଆଦି ଆକାଶୀୟ ପିଣ୍ଡକୁ ଦେଖିବା ପାଇଁ ତ ସମସ୍ତଙ୍କୁ ଭଲ ଲାଗେ । କୋପରନିକସ ଯେତେବେଳେ ଦେଖିଲେ ଯେ ତାଙ୍କର ନିରୀକ୍ଷଣ ଠିକ୍ ହେଉଛି ତାଙ୍କର ଖୁସିର ସୀମା ରହିଲା ନାହିଁ । ସେ ପ୍ରମାଣ କଲେ ଯେ ସୂର୍ଯ୍ୟ ହିଁ ସୌରଜଗତର କେନ୍ଦ୍ରରେ ରହିଛି ଆଉ ବାକି ଗ୍ରହମାନେ ତା ଚାରିପଟେ ଘୂରୁଛନ୍ତି ।

ଧ୍ରୁବ: ଅପା, ସେ ତାଙ୍କର ଏହି ପ୍ରମାଣକୁ କ'ଣ ସମସ୍ତଙ୍କୁ ଜଣାଇଥିଲେ ?

ପ୍ରଭା: ନା, କାଳେ ଚର୍ଚ୍ଚ ଲୋକମାନେ ରାଗିଯିବେ ସେଥିପାଇଁ ସେ ତାଙ୍କର ଏହି ମତବାଦକୁ ସମସ୍ତଙ୍କୁ ଜଣାଇବାକୁ ଡରୁଥିଲେ । ଚର୍ଚ୍ଚର କହିବା କଥା ଯେ ବିଶ୍ୱ ସହିତ ମଣିଷ ସବୁଠାରୁ ଉଚ୍ଚରେ ରହିଛି ଆଉ ପୃଥିବୀ ବିଶ୍ୱର କେନ୍ଦ୍ରରେ ରହିଛି । ଏକଥାର ବିରୁଦ୍ଧରେ କିଛି କହିଲେ ଚର୍ଚ୍ଚକୁ ଅବମାନନା କଲାଭଳି କଥା ହେଉଥିଲା । କିନ୍ତୁ ୧୫୧୪ ମସିହାରେ କୋପରନିକସ ତାଙ୍କର କିଛି ସାଙ୍ଗଙ୍କୁ ତାଙ୍କ ବହିର ହାତଲେଖା ପାଣ୍ଡୁଲିପି ବାଣ୍ଟିଥିଲେ । ଏବହିର ଲେଖକ କିଏ ଏ ଲୋକମାନେ ଜାଣିଥିଲେ । ବହିଟିରେ କିନ୍ତୁ ଲେଖକର ନାଁ ନଥିଲା । ବହିଟି କୋପରନିକସଙ୍କର ସୌରକେନ୍ଦ୍ରିକ ମତବାଦ ଉପରେ ଆଧାରିତ ଥିଲା ।

ଧ୍ରୁବ: ଅପା, ବହିଟିର ନାଁ କ'ଣ ଥିଲା ?

ପ୍ରଭା: ବହିଟିର ନାଁ ଥିଲା ଲିଟିଲ୍ କମେଣ୍ଟ୍ରି ।

ବିଜୟ: କୋପରନିକସ ଏ ବହିଟିରେ କ'ଣ ଲେଖିଥିଲେ ?

ପ୍ରଭା: ଏଥିରେ ସେ ଲେଖିଥିଲେ ଯେ ପୃଥିବୀର ଦୈନିକ ଗତି ଏବଂ ସୂର୍ଯ୍ୟ ଚାରିପଟେ ଘୂରିବା ଯୋଗୁ ହିଁ ତାରାମାନଙ୍କର ଦୈନିକ ଗତି, ସୂର୍ଯ୍ୟର ବାର୍ଷିକ ଗତି ଏବଂ ଗ୍ରହମାନଙ୍କର ଏପଟସେପଟ ଗତି ହୋଇଥାଏ । ଏହା ସହିତ ସେ କହିଥିଲେ ଯେ ସୂର୍ଯ୍ୟ ମଝିରେ ସ୍ଥିର ରହିଛି ।

ଧ୍ରୁବ: ସେ କେମିତି ଭାବିଲେ ଯେ ସୂର୍ଯ୍ୟ କେନ୍ଦ୍ରରେ ରହିଛି ?

ପ୍ରଭା: ସେ କହିଲେ ଯେ ଯଦି ଧରିନିଆ ଯାଏ ଯେ ସୂର୍ଯ୍ୟ ସ୍ଥିର ଅଛି ଆଉ ପୃଥିବୀ ଘୂରୁଛି ତାହେଲେ ବାକି ଗ୍ରହମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ କ୍ରମ ଆସିଯିବ । ଏହାକୁ ଆଧାର କରି ସେ ଗ୍ରହମାନଙ୍କର ପରିକ୍ରମଣ ସମୟ ବି ଗଣନା କରିପାରିଥିଲେ । ଆଚ୍ଛା ପିଲାମାନେ, ତମକୁ ମୁଁ ଗୋଟିଏ ପ୍ରଶ୍ନ ପଚାରିବି । କୁହ ତ ଦେଖି ସୂର୍ଯ୍ୟର ସବୁଠାରୁ ପାଖରେ କୋଉ ଗ୍ରହ ଅଛି ?

ଧ୍ରୁବ ଓ ବିଜୟ: ଅପା, ବୁଧ ଗ୍ରହ ।

ପ୍ରଭା: ଠିକ୍ କହିଛ । ଜାଣିଛ କି ବୁଧ ଗ୍ରହ ସୂର୍ଯ୍ୟ ଚାରିପଟେ ଥରେ ଘୂରିଆସିବା ପାଇଁ ୮୮ ଦିନ ସମୟ ନିଏ । ସୂର୍ଯ୍ୟ ଆଉ ଗ୍ରହ ଭିତରେ ଦୂରତା ବଢ଼ିବା ସହିତ ସେମାନଙ୍କର ପରିକ୍ରମଣ ସମୟ ବି ବଢ଼ିଯାଏ । ଯେମିତିକି ବୁଧ ପରର ଗ୍ରହ ହେଉଛି ଶୁକ୍ର । ଏହା ସୂର୍ଯ୍ୟକୁ ଥରେ ପରିକ୍ରମଣ କରିବା ପାଇଁ ୨୨୫ ଦିନ ସମୟ ନିଏ ।

ଧ୍ରୁବ: ଅପା, ଆମେ ଜାଣିଛୁ ଯେ ପୃଥିବୀ ୩୬୫ ଦିନରେ ଥରେ ସୂର୍ଯ୍ୟ ଚାରିପଟେ ଘୂରିଆସେ । ଆଉ ସୂର୍ଯ୍ୟ ଚାରିପଟେ ଘୂରିବା ପାଇଁ ମଙ୍ଗଳକୁ ଦୁଇବର୍ଷ, ବୃହସ୍ପତିକୁ ୧୨ ବର୍ଷ ସମୟ ଲାଗେ। ଖାଲି ଆଖିରେ ଦେଖାଯାଉଥିବ ଗ୍ରହମାନଙ୍କ ଭିତରେ ସବୁଠାରୁ ଦୂରରେ ରହିଛି ଶନି । ସେ ସୂର୍ଯ୍ୟ ଚାରିପଟେ ଗୋଟିଏ ଘେରା ମାରିବା ପାଇଁ ୩୦ ବର୍ଷ ସମୟ ନେଇଥାଏ ।

ପ୍ରଭା: ଆରେ ବାଃ ଧ୍ରୁବ, ତୁ ତ ବହୁତ କଥା ଜାଣିଛୁ । କୋପରନିକସ ସୂର୍ଯ୍ୟଙ୍କୁ ମଝିରେ ରଖି ଅନ୍ୟ ଗ୍ରହମାନଙ୍କର ପରିକ୍ରମଣ ସମୟ ଗଣନା କରିଥିଲେ । ସେମାନଙ୍କର ସମ୍ଭାବିତ ଅବସ୍ଥିତି ବିଷୟରେ ବି କହିଥିଲେ । ତାକୁ ପୁଣି ସେ ରାତିରେ ନିରୀକ୍ଷଣ କରି ଦେଖିଲେ ।

ବିଜୟ: ଅପା, କୋପରନିକସ ପୃଥିବୀ ଆଉ ଚନ୍ଦ୍ର ବିଷୟରେ କ'ଣ କହିଥିଲେ ?

ପ୍ରଭା: ସେ କହିଥିଲେ ଯେ ପୃଥିବୀ ବିଶ୍ୱର ନୁହେଁ, କେବଳ ଚନ୍ଦ୍ରର କକ୍ଷପଥର କେନ୍ଦ୍ରରେ ରହିଛି । ଅବଶ୍ୟ ଲିଟିଲ୍ କମେଣ୍ଟାରୀ ବହିରେ କେବଳ ସୌରକେନ୍ଦ୍ରିକ ମଡେଲ ବିଷୟରେ କୁହାଯାଇଛି । କିନ୍ତୁ ଏହି ମତବାଦକୁ ପ୍ରମାଣିତ କରିବା ପାଇଁ ଏଥିରେ ଆଖିଦେଖା କିଛି ତଥ୍ୟ ଦିଆଯାଇ ନଥିଲା ।

ବିଜୟ: ତାହେଲେ ସେ କ'ଣ ଆଉ ଗୋଟିଏ ବହି ଲେଖିଥିଲେ ?

ପ୍ରଭା: ଠିକ୍ କହିଛୁ । ସେ ଡି ରିଭଲ୍ୟୁସନିବସ୍ ଓର୍‌ବିଅମ୍ ସେଲେଷ୍ଟିଅମ୍ ନାମକ ବହି ଲେଖିଥିଲେ । ଏହାର ଇଂରାଜୀ ଅନୁବାଦର ନାଁ ହେଉଛି ଅନ୍ ଦି ରିଭଲ୍ୟୁସନ୍ ଅଫ୍ ଦି ହେଭେନ୍‌ଲି ସ୍ଫିଅର୍ ।

ଧ୍ରୁବ: ଅପା, ସେଲେଷ୍ଟିଅଲ୍ ସ୍ଫିଅର୍ ମାନେ କ'ଣ ?

ପ୍ରଭା: ମୁଁ ଯାହା ଜାଣିଛି ଯେ କୋପରନିକସ ଭାବୁଥିଲେ ଯେ ବିଶ୍ୱ ଆଠଟି ଗୋଲକରେ ତିଆରି ହୋଇଛି । ଏହାର ବାହାର ଗୋଲକଟି ଗତିହୀନ ଥିଲା ଓ ଏଥିରେ ତାରାମାନେ ଥିଲେ, ସୂର୍ଯ୍ୟ ଏସବୁର କେନ୍ଦ୍ରରେ ସ୍ଥିର ଥିଲା । ବାକି ଗ୍ରହମାନେ ବୁଧ, ଶୁକ୍ର, ପୃଥିବୀ ,ମଙ୍ଗଳ, ବୃହସ୍ପତି ଓ

ଶନି ଏହି କ୍ରମରେ ନିଜ ନିଜ ଗୋଲକରେ ସୂର୍ଯ୍ୟ ଚାରିପଟେ ଘୁରୁଥିଲେ ।

ଧ୍ରୁବ: ଓଃ, ସେ ଭାବୁଥିଲେ ଯେ ଗ୍ରହମାନେ ସେମାନଙ୍କର ଘୁରନ୍ତା ଗୋଲକରେ ସ୍ଥିର ଥିଲେ ।

ପ୍ରଭା: ଠିକ୍ କହିଲ । ସେ କହିଥିଲେ ଯେ ଚନ୍ଦ୍ର ତା ଗୋଲକରେ ଘୁରିବା ସହିତ ପୃଥିବୀ ଚାରିପଟେ ବି ଘୁରୁଛି । ସେ ଆହୁରି ପୁଣି କହିଥିଲେ ଯେ ପ୍ରକୃତରେ ପୃଥିବୀ ତା'ର ଅକ୍ଷ ଚାରିପଟେ ଘୁରୁଥିବାରୁ ଆମକୁ ସୂର୍ଯ୍ୟ ଓ ତାରାମାନ ଘୁରିଲା ଭଳି ଲାଗୁଛନ୍ତି ।

ଧ୍ରୁବ: କିନ୍ତୁ ଅପା କୋପରନିକସଙ୍କ ଆଗରୁ ପ୍ରାୟ ଷଷ୍ଠ ଶତାବ୍ଦୀରେ ଆର୍ଯ୍ୟଭଟ୍ଟ ବି ତ ଏହି କଥା କହିଥିଲେ ।

ପ୍ରଭା: ହଁ, ପ୍ରକୃତରେ ଆର୍ଯ୍ୟଭଟ୍ଟ ବିଶ୍ୱାସ କରୁଥିଲେ ଯେ ପୃଥିବୀର ଆକାର ଗୋଲାକାର ଏବଂ ସେ ତା'ର ଅକ୍ଷ ଚାରିପଟେ ଘୁରିବା ଯୋଗୁଁ ଦିନ ରାତି ହୁଏ । ଏହାକୁ ପ୍ରମାଣିତ କରିବା ପାଇଁ ସେ ଯେଉଁ ସମୁଦ୍ରରେ ଆସୁଥିବା ଡଙ୍ଗା କଥା କହିଥିଲେ ସେ କଥା ତ ତମେମାନେ ଜାଣିଥିବ ।

ଧ୍ରୁବ: ହଁ ଅପା ଆମେ ସେ ବିଷୟରେ ଜାଣିଛୁ ।

ବିଜୟ: କୋପରନିକସ ତାଙ୍କ ନୂଆ ବହିଟିକୁ କେବେ ପ୍ରକାଶିତ କରିଥିଲେ ?

ପ୍ରଭା: ତମକୁ ଆଶ୍ଚର୍ଯ୍ୟ ଲାଗିପାରେ ଯେ କୋପରନିକସଙ୍କ ହାତଲେଖା ବହିଟି ଏବେ ବି ମିଳୁଛି । ଏହାର ନିର୍ଦ୍ଦିଷ୍ଟ ସମୟ ତ ଜଣାନାହିଁ । ତେବେ ଏହାକୁ ପଢ଼ିଲେ ଏହାର ରଚନା କାଳ ଜଣାପଡ଼େ । ଏ ବିଷୟରେ ଏମିତି କୁହାଯାଏ ଯେ କୋପରନିକସ ତାଙ୍କ ମଡେଲ ପାଇଁ ତଥ୍ୟ ଏକାଠି କରିବା ପାଇଁ କିଛି ଅଧ୍ୟୟନ କରିଥିବେ ଆଉ ସେସବୁକୁ ସେ ବହି ଆକାରରେ ଲେଖିଥିବେ । ୧୫୩୦ ମସିହା ଯାଏଁ ବହିର ଅଧିକାଂଶ ଭାଗ ଲେଖା ସରିଥିଲା । କିନ୍ତୁ ୧୫୪୩ ମସିହା ଯାଏଁ ବହିଟି ଛପା ହୋଇପାରି ନଥିଲା ।

ଧ୍ରୁବ: ତାହେଲେ କ'ଣ ୧୫୪୩ ପରେ ତାଙ୍କ ବହି ଛପା ହୋଇଥିଲା ।

ପ୍ରଭା: ନାଇ ପିଲାମାନେ, କୋପରନିକସ ତାଙ୍କ ବହିର ଛପାରୂପ କେବେ ବି ଦେଖିପାରି ନଥିଲେ । କାରଣ ବହିଟି ଛପା ହେବା ଆଗରୁ ସେ ଏଇ ଦୁନିଆରୁ ଚାଲି ଯାଇଥିଲେ ।

ବିଜୟ: ଏତ ବହୁତ ଖରାପ କଥା ହେଲା । ଯେଉଁ ବହିର ସୌରକେନ୍ଦ୍ରିକ ମତବାଦକୁ ପ୍ରତିଷ୍ଠା କରିବାରେ ଏତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ବହିର ଲେଖକ ତାକୁ ପଢ଼ିପାରିଲେ ନାହିଁ ।

ପ୍ରଭା: ବିଶ୍ୱ ବିଷୟରେ ଏଇ ମହାନ ମତବାଦ ପାଇଁ ଆମେ କୋପରନିକସଙ୍କ ପାଖରେ କୃତଜ୍ଞ ।

ଧ୍ରୁବ: କିନ୍ତୁ କୋପରନିକସ ଗ୍ରହମାନଙ୍କର କକ୍ଷପଥକୁ ବୃତ୍ତାକାର କାହିଁକି ଭାବିଲେ ?

ପ୍ରଭା: ଏହାର ଗୋଟିଏ ସାଧାରଣ କାରଣ ହେଉଛି ସେତେବେଳ ଯାଏଁ ସବୁ ଆକାଶୀୟ ପିଣ୍ଡମାନଙ୍କର ଗତିପଥକୁ ବୃତ୍ତାକାର ହିଁ ଧରାଯାଉଥିଲା । କୋପରନିକସଙ୍କ ସମୟରେ ବୃତ୍ତକୁ ଗୋଟିଏ ମହାନ ଆକୃତି ବୋଲି ଧରା ଯାଉଥିଲା । ମଜାର କଥା ହେଉଛି ଗ୍ରହମାନଙ୍କର ଗଣନା କରାଯାଉଥିବା ଆଉ ପ୍ରକୃତ ସ୍ଥିତିରେ ଥିବା ସାମାନ୍ୟ ତଫାତକୁ ବୁଝେଇବା ପାଇଁ କୋପରନିକସ ବି ଟଲେମୀଙ୍କ ଭଳି ଅଧିବୃତ୍ତ ଭଳି ଜଟିଳ ମଡେଲ ବ୍ୟବହାର କରୁଥିଲେ ।

ଧ୍ରୁବ: ଯଦି ଏମିତି ହୋଇଥିଲା ତାହେଲେ କୋପରନିକସଙ୍କର ବିଶେଷତା କ'ଣ ?

ପ୍ରଭା: ଧ୍ରୁବ, ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ସୌରକେନ୍ଦ୍ରିକ ମତବାଦକୁ ଉପସ୍ଥାପନ କରିଥିଲେ । ତମେମାନେ କ'ଣ ଭାବୁନ ଯେ ସେତେବେଳ ପାଇଁ ଏହା ନିଶ୍ଚୟ ଗୋଟିଏ ନୂଆ ମତ ଥିଲା ଆଉ ବିଶ୍ୱକୁ ବୁଝିବା ଦିଗରେ ଏଇଟା ଆମକୁ ନୂଆ ବାଟ ଦେଖାଇଲା ।

ବିଜୟ: ଆପଣ ଠିକ୍ କହିଛନ୍ତି ଅପା ।

ପ୍ରଭା: କୋପରନିକସଙ୍କ ସୌରକେନ୍ଦ୍ରିକ ମଡେଲକୁ ତାଙ୍କ ପରେ ଅନେକ ଆକାଶବିଜ୍ଞାନୀ ପରଖିବାକୁ ଚାହିଁଛନ୍ତି । ତାଙ୍କ ପରେ ଟାଇକୋ ବ୍ରାହେ ଓ କେପଲର୍ କୋପରନିକସଙ୍କ ମଡେଲକୁ ଟିକିଏ ବଦଳେଇଥିଲେ । ପାଞ୍ଚବର୍ଷ କାଳ ନିରୀକ୍ଷଣ କଲାପରେ କେପଲର୍ ଦେଖିଲେ ଯେ ମଙ୍ଗଳର କକ୍ଷପଥ ବୃତ୍ତାକାର ନୁହେଁ । ସେ ପୁଣି କହିଥିଲେ ଯେ ମଙ୍ଗଳ ସୂର୍ଯ୍ୟ ଚାରିପଟେ ଘୁରିବା ବେଳେ ସବୁ ସମୟରେ ସୂର୍ଯ୍ୟଠାରୁ ଏହାର ଦୂରତା ସମାନ ରହେନାହିଁ ।

ବିଜୟ: ଅପା, କେପଲର ମଙ୍ଗଳ ଗ୍ରହ ବିଷୟରେ ଆଉ କ'ଣ କହିଥିଲେ ?

ପ୍ରଭା: ସେ କହିଥିଲେ ଯେ ମଙ୍ଗଳ ତା'ର କକ୍ଷପଥରେ ସବୁବେଳେ ସମାନ ଗତିରେ ଘୁରୁନାହିଁ । ସୂର୍ଯ୍ୟର ପାଖକୁ ଆସିଲାବେଳେ ତା'ର ଗତି ବଢ଼ିଯାଉଛି ଆଉ ସୂର୍ଯ୍ୟଠାରୁ ଦୂରେଇ ଗଲାବେଳକୁ ଗତି କମିଯାଉଛି । ସେ ତାଙ୍କର ଏହି ନିରୀକ୍ଷଣର ଫଳାଫଳକୁ ଗ୍ରହ ଗତିର ଦୁଇଟି ନିୟମ ଭାବରେ ପ୍ରକାଶିତ କରିଥିଲେ ।

ଧ୍ରୁବ: ଅପା, ସେ ନିୟମ ଦୁଇଟି କ'ଣ ?

ପ୍ରଭା: ସେ ନିୟମ ବିଷୟରେ ମୁଁ ତମକୁ କହିବି ନିଶ୍ଚୟ । କିନ୍ତୁ ମୁଁ ଭାବୁଛି ଆଜି ବହୁତ ଡେରି ହୋଇଗଲାଣି । ଘରେ ତମମାନଙ୍କୁ ଖାଇବା ପାଇଁ ଅପେକ୍ଷା କରିଥିବେ । ସେଥିପାଇଁ ଏବେ ଘରକୁ ଯାଅ । ଆସନ୍ତା ରବିବାର ପୁଣି ଥରେ ଆସିଲେ ଗ୍ରହମାନଙ୍କର ଗତି ବିଷୟରେ ମଜା ଗପ ବି କହିବି ଆଉ କେପଲରଙ୍କ ନିୟମ ବିଷୟରେ ବି କହିବି ।

ଧ୍ରୁବ ଓ ବିଜୟ: ଯାହାହେଉ ଅପା ଆଜି ଆମେ ଆକାଶବିଜ୍ଞାନ ବିଷୟରେ ଅନେକ ମଜା ମଜା କଥା ଜାଣିଲୁ । ଆମେ ଆସନ୍ତା ରବିବାର ବି ଆସିବୁ । ଏବେ ଆମେ ଯାଉଛୁ । ନମସ୍କାର ।

ପ୍ରଭା: ନମସ୍କାର । ଦେଖିକି ଯିବ । ଡେରି ହୋଇଗଲାଣି ବୋଲି ଆଉ ଜୋରରେ ସାଇକେଲ ଚଲେଇବନି । (ବିଜୟ ଓ ଧ୍ରୁବ ସାଇକେଲରେ ଯାଉଛନ୍ତି ଓ କଥା ହେଉଛନ୍ତି)

ବିଜୟ: ଆଜି ରାତିରେ ମୁଁ ଆସିଲେ ତାରା ଦେଖିବା । ତମ ଟେଲିସ୍କୋପରେ ବି ତାରା ଦେଖିବା ।

ଧ୍ରୁବ: ଆମ ଟେଲିସ୍କୋପରେ ତ ତାରାମାନେ କିଛି ଅଲଗା ଦେଖାଯିବେ ନାହିଁ । ତେଣୁ ଆଗ ଖାଲି ଆଖିରେ ଦେଖିବା ।

(ରାତିରେ ବିଜୟ, ସ୍ୱାତୀ, ଧ୍ରୁବ ଓ ଚନ୍ଦ୍ର ବାହାରେ ତାରା ଦେଖୁଛନ୍ତି)

ଚନ୍ଦ୍ର: ଆଗରୁ ଆମେ କାଳପୁରୁଷ, ମିଥୁନ, ମୃଗବ୍ୟାଧ, ବ୍ରହ୍ମ, ଶଶକ, କପୋତ, କନ୍ୟା, ହସ୍ତା ଆଦି ମଣ୍ଡଳ ଦେଖି ଚିହ୍ନିପାରିଛେ । କ'ଣ ଧ୍ରୁବ କାଳପୁରୁଷ ମଣ୍ଡଳ ଚିହ୍ନିପାରିବୁ ଟି ?

ଧ୍ରୁବ: ଚିହ୍ନିପାରିବି ଯେ ବାପା, ସେତ ଆଉ ଏବେ ସନ୍ଧ୍ୟା ଆକାଶରେ ଦେଖାଯାଉ ନଥିବ ।

ଚନ୍ଦ୍ର: ନା, ସେଥିପାଇଁ ଆମେ ଆଜି ଆଉ ଗୋଟିଏ ତାରାମଣ୍ଡଳ ଚିହ୍ନିବା । ଆଜି ଆମେ ଭୂତେଶ ମଣ୍ଡଳକୁ ଚିହ୍ନିବା ।

ସ୍ୱାତୀ: ସପ୍ତର୍ଷି ମଣ୍ଡଳର ବଙ୍କା ତାରାକୁ ଆଗକୁ ବଢ଼େଇଲେ ସେ ଯାଇ ଯେଉଁ ଉଜଳ ତାରାକୁ ଭେଟିବ ସେଇଟା ହେଉଛି ତାରା ସ୍ୱାତୀ ଆଉ ସେ ଭୂତେଶ ମଣ୍ଡଳର ସବୁଠାରୁ ଉଜଳ ତାରା ନା ?

ଚନ୍ଦ୍ର: ଆରେ ତୁ କେମିତି ଚିହ୍ନିଲୁ ?

ସ୍ୱାତୀ: ତମେ ତ ଥରେ ଚିହ୍ନେଇଥିଲ ।

ଚନ୍ଦ୍ର: ହଁ ସେଇଟା ହେଉଛି ଭୂତେଶ ମଣ୍ଡଳର ସବୁଠାରୁ ଉଜଳ ତାରା । ଇଂରାଜୀରେ ଏହାର ନାଁ ହେଉଛି ବୁଟିସ୍ । ଏହାର ଅର୍ଥ ହେଉଛି ଶିକାରୀ । ଆମେ ଯାହାକୁ ସପ୍ତର୍ଷି ମଣ୍ଡଳ ବୋଲି କହେ ତାକୁ ଇଂରାଜୀରେ ଗ୍ରେଟ୍ ବିଅର୍ ବା ବଡ଼ ଭାଲୁ ବୋଲି କହନ୍ତି । ବୁଟିସ୍ ତା'ର ଦୁଇଟି କୁକୁର ଆଷ୍ଟେରିଅନ୍ ଓ କାରା ବା କାନିସ୍ ଭେନାସିଟି ବା ଶ୍ୟାମ ସବଳକୁ ଧରି ଭାଲୁ ପଛରେ ଯାଉଛି ।

ଅରୁନ୍ଧତୀ: ମଜାର କଥା ହେଉଛି ଏକଦା ବୁଟିସ୍‌କୁ ଆର୍କୋଫାଇଲାକ୍ସ ବା ଭାଲୁର ରକ୍ଷକ ବୋଲି କୁହାଯାଉଥିଲା । ବୋଧହୁଏ ରୋମର ଲୋକମାନେ ବୁଟିସ୍‌ର ନାଁ ଏପରି ବଦଳାଇ ଶିକାରୀ କରିଦେଇଛନ୍ତି । ଏବେ ତାକୁ ସାଧାରଣତଃ ପଶୁଗୋଠ ରକ୍ଷକ ଭାବରେ ଧରାଯାଉଛି । ଉତ୍ତର ମେରୁ ଚାରିପଟେ ସେ ତାରାମାନଙ୍କୁ ଅଡ଼େଇ ଅଡ଼େଇ ଚାଲିଛି ।

ବିଜୟ: ତାରାମଣ୍ଡଳଟି ବିଷୟରେ କେବେଠାରୁ ଜଣାଅଛି ?

ଚନ୍ଦ୍ର: ଏହି ତାରାମଣ୍ଡଳଟି ବେଶ୍ ଦିନରୁ ଜଣା । ବିଖ୍ୟାତ କବି ହୋମର୍ ତାଙ୍କ ଲିଖିତ ଓଡିଶେ କାବ୍ୟରେ ପ୍ରଥମେ ଏହି ତାରାମଣ୍ଡଳ ବିଷୟରେ ଲେଖିଛନ୍ତି । ତା'ର ପଞ୍ଚମ ବହିରେ ଲେଖାହୋଇଛି ଯେ, ଓଡିଶେ ତା'ର ଲକ୍ଷସ୍ଥଳରେ ପହଞ୍ଚିବା ପାଇଁ ଆକାଶରେ ତିନୋଟି ତାରାପୁଞ୍ଜ ବା ମଣ୍ଡଳ - କୃତ୍ତିକା, ଭାଲୁ ବା ସପ୍ତର୍ଷି ଏବଂ ଭୂତେଶକୁ ଦେଖି ଦେଖି ଜାହାଜ ଚଳାଉଥିଲା ।

ସ୍ୱାତୀ: ଆକାଶରେ ଭୂତେଶ ମଣ୍ଡଳ କେଉଁଠି ରହିଛି ?

ଚନ୍ଦ୍ର: ଭୂତେଶ ମଣ୍ଡଳଟି ଶ୍ୟାମ ସବଳ ଏବଂ ମହାବଳୀ ମଣ୍ଡଳ ମଝିରେ ଖୁନ୍ଦି ହୋଇ ରହିଛି । ଏହାର ଉତ୍ତର ପଟ ତକ୍ଷକ ଏବଂ ସପ୍ତର୍ଷି ମଣ୍ଡଳକୁ ଏବଂ ଦକ୍ଷିଣରେ କନ୍ୟାରାଶିକୁ ଛୁଉଁଛି ।

ଅରୁନ୍ଧତୀ: ଏହାର ସବୁଠାରୁ ଉଜଳ ତାରାର ନାଁ ହେଉଛି ସ୍ୱାତୀ । ଇଂରାଜୀରେ ଏହାର ନାଁ ରହିଛି ଆର୍କଟରସ୍ । ଉତ୍ତର ଗୋଲାର୍ଦ୍ଧର ସବୁଠାରୁ ଉଜଳତମ ତାରା ଏବଂ ପୂରା ଆକାଶର ତାରାମାନଙ୍କ ଭିତରେ ଚତୁର୍ଥ ଉଜଳତମ ତାରା । ଆକାରରେ ଏହା ସୂର୍ଯ୍ୟର ପ୍ରାୟ ୨୦-୨୫ ଗୁଣ ବଡ଼ । ଏହାର ଦୀପ୍ତି ୦.୦୫ ଏବଂ ଏହା ଆମଠାରୁ ପ୍ରାୟ ୩୭ ଆଲୋକବର୍ଷ ଦୂରରେ ରହିଛି ।

ବିଜୟ: ଭୂତେଶ ମଣ୍ଡଳ ବିଷୟରେ ତ କିଛି ଗପ ନିଶ୍ଚୟ ଥିବ ।

ଚନ୍ଦ୍ର: ହଁ, ଭୂତେଶ ମଣ୍ଡଳ ବିଷୟରେ ଗ୍ରୀକ୍‌ରେ ବହୁତ ମଜା ଗପ ରହିଛି । ବୁଟିସ୍ ଡିମେଟର୍‌ଙ୍କ ପୁଅ । କୁହାଯାଏ ଯେ ସେ ଲଙ୍ଗଳ ଉଦ୍ଭାବନ କରିଥିବାରୁ ତାଙ୍କୁ ଆକାଶରେ ସ୍ଥାନ ଦିଆଯାଇଛି ।

ସ୍ୱାତୀ: ଆଉ ଗୋଟିଏ ଗପ ହେଉଛି ବୁଟିସ୍ ହେଉଛି ଜିଉସ୍ ଏବଂ କାଲିଷ୍ଟୋଙ୍କ ପୁଅ । ଜିଉସ୍‌ଙ୍କ ସ୍ତ୍ରୀ ହେରା ବହୁତ ହିଂସୁକୁଟିଆ ଥିଲେ । ସେ ହିଂସା କରି କାଲିଷ୍ଟୋଙ୍କୁ ଗୋଟିଏ ଭାଲୁରେ ପରିଣତ କରିଦେଲେ । କାଲିଷ୍ଟୋଙ୍କ ପୁଅ ବାହାରକୁ ଶିକାର କରିବା ପାଇଁ ଯାଇଥିବା ବେଳେ କାଲିଷ୍ଟୋଙ୍କ ଉପରେ ବିପଦ ପଡ଼ିଲା ଓ ସେ ମରିଯାଇଥାନ୍ତେ । ଜିଉସ୍ ତାଙ୍କୁ ରକ୍ଷା କଲେ ଓ ଆକାଶକୁ ନେଇଯାଇ ଉର୍ସା ମେଜର ବା ସପ୍ତର୍ଷିମଣ୍ଡଳ ରୂପରେ ରଖିଦେଲେ । ଭୂତେଶ ମଣ୍ଡଳର ଉଜଳ ତାରା ଆର୍କଟରସ୍ ସେ ଭାଲୁର ରକ୍ଷାକର୍ତ୍ତା ହୋଇ ରହିଲା ।

ଧ୍ରୁବ: ବାଃ, ବଢ଼ିଆ ଗପ ତ । ସତରେ ଆକାଶରେ ଏତେ ଗପ ରହିଛି । ଇଚ୍ଛା ହେଉଛି ଗୋଟିଏ ଦିନରେ ସବୁତକ ପଢ଼ିଦେବାକୁ ।

ଚନ୍ଦ୍ର: ନା, ଧ୍ରୁବ, ତରତର ହେଲେ ସବୁ ବିଗିଡ଼ି ଯିବ । ସେଥିପାଇଁ ଧୀରେ ଧୀରେ କରି ଗୋଟିଏ ଗୋଟିଏ ତାରାମଣ୍ଡଳ ବିଷୟରେ ଜା'ଣେ ଓ ତା'ର ଗପ ସବୁ ଶୁଣି ମନେରଖ ।

ସ୍ୱାତୀ: ଭୂତେଶ ମଣ୍ଡଳ ବିଷୟରେ ଆଉ ଗୋଟିଏ ମଜା କଥା ବି ରହିଛି । ସ୍ୱାତୀ ତାରାର ଅଳ୍ପ ଉତ୍ତର-ପୂର୍ବକୁ ରହିଛି ଆଉ ଗୋଟିଏ ଛୋଟିଆ ଲାଲ ତାରା । ଏହି ତାରାର ନାଁ ହେଉଛି ଇଜାର୍ । ଏହା ଆମଠାରୁ ୨୧୦ ଆଲୋକବର୍ଷ ଦୂରରେ ରହିଛି । ଏହି ତାରାକୁ କେହି କେହି ଆକାଶର ସବୁଠାରୁ ସୁନ୍ଦରତମ ତାରା ବୋଲି ଭାବିଥାନ୍ତି । ସେଥିପାଇଁ ଏଇ ତାରାର ଆଉ ଗୋଟିଏ ନାଁ ହେଉଛି ପୁଲ୍‌ଚେରିମା ।

ଚନ୍ଦ୍ର: ହଉ, ରାତି ତ ଏତେ ହେଲାଣି । ଭୋକ ବି ଲାଗିଲାଣି । ଏଥର ତଳକୁ ଯିବା ଚାଲ ।

ଧ୍ରୁବ: ହଁ ଚାଲ ଯିବା, ମତେ ବି ଭୋକ ଲାଗିଲାଣି ।

ଅରୁନ୍ଧତୀ: ଆରେ ବିଜୟ, ରାତି ତ ଏତେ ହେଲାଣି । ଏଇଠି ଆମ ରଖାଇ ଦେ । ପରେ ତତେ ମଉସା ନେଇ ତମ ଘରେ ଛାଡ଼ିଦେଇଆସିବେ ।

ବିଜୟ: ହଉ ମାଉସୀ, ଆଜି ତାରା ଦେଖା ସାଙ୍ଗରେ ବଢ଼ିଆ ଖାଇବା ବି ମିଳିଗଲା ।

ଚନ୍ଦ୍ର: ଏବେ ଚାଲ ଯିବା ।

ପ୍ରଶ୍ନ ୧. କୋପରନିକସ ଲେଖିଥିବା ପ୍ରଥମ ବହିଟିର ନାଁ କ'ଣ ?

ମାଟେରିଆ ମେଡିକା ପ୍ରିନ୍‌ସିପିଆ ମାଥେମାଟିକା **ଲିଟିଲ୍ କମେଣ୍ଟ୍ରି** ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍